ଖବରକାଗଜ ପାଇଁ ଖଣ୍ଡା

ପୁଣି ପ୍ରେସ୍ ଅର୍ଡିନାନ୍ସ ବଜ୍ର ଆକାରରେ ବାହାରିଲା

ଆସନ୍ତା ଜାନୁୟାରୀ ମାସରେ ସ୍ଥାୟୀ ଆଇନ ହୋଇଯିବ

ଦିଲ୍ଲୀ ତା. ୨୭।୧।୩୦

ଭାରତ ସରକାରର ବିଭିନ୍ନ ବିଭାଗର ଇଂରେଜ ସାହେବ କଲିକତାରେ ବଙ୍ଗଲାଙ୍କ ସହିତ ଗୁପ୍ତ ମନ୍ତ୍ରଣା କରିବାକୁ ଦୌଡ଼ି ଯାଇଥିଲେ । ୨୩ ତାରିଖ ସକାଳେ ଅହିଂସା ପହଞ୍ଚିବା ପରେ ଦୁଇଟା ଯାକ ଅଡ଼ିନାନ୍ସ ଜାରି ହେଲା । ଅବସ୍ଥା ବୁଝି ନପାରି ଗୋଲ-ଟେବୁଲବାଲା ସେ ଭିତରେ ଏ ପ୍ରକାର କଠୋର ଦମନକଥା ଚାଲିଥିବା ବେଳେ କାହିଁକି ଯେ ସେଠାରେ ପଡ଼ିଛନ୍ତି ଏବଂ ଏ ଷ୍ଟେପ୍-ର ଫିକ୍ସ ହେଲେ ପଡ଼ି ଫିଟାଇ ନାହାନ୍ତି, ଏଥିପାଇଁ ଭାରତର ଖବରକାଗଜ ସମିତି କ୍ଷେତ୍ରରୁ ଶୀଘ୍ର ସେମାନଙ୍କ ପାଖକୁ ତାର କରାଯାଉଛି । ସେମାନେ ମାମ୍ବାଦିକ କଲମ-କଥା ସେଠାରେ ନକରି ଶୀଘ୍ର ଚାଲି ଆସିବାକୁ ସେମାନଙ୍କୁ ଅନୁରୋଧ କରାଯାଉଛି ।

ଭୀଷଣ ପ୍ରେସ୍ ଆଇନ୍

ବର୍ତ୍ତମାନ ପ୍ରେସ୍ ଅର୍ଡିନାନ୍ସର ନାମ ହେଲା—୧୦ ନମ୍ବର ଅର୍ଡିନାନ୍ସ । ଏ ଅର୍ଡିନାନ୍ସ ଜାରିକରି ଲାଟ ଇରୱିନ୍ ଲେଖିଛନ୍ତି—"ଲୋକେ ଖବର କାଗଜ ଆଇନ ଅମାନ୍ୟ ଆନ୍ଦୋଳନକୁ ଡେକେଇବାର ଉଦ୍ୟମ କରୁଛନ୍ତି, ଏବଂ ଆମ୍ଭର କେତେକ ତାଙ୍କ ଲେଖାଦ୍ୱାରା ଉତ୍ତେଜିତ ଓ ହିଂସାନାଶ୍ରୟ କରିବା ପାଇଁ ମଜାଉଛନ୍ତି । ସେହି ହେତୁରୁ ଛାପାଖାନା ଓ ଖବର-କାଗଜମାନଙ୍କୁ ଜବତ କରିବା ପାଇଁ ଏ ପ୍ରେସ୍ ଅର୍ଡିନାନ୍ସ ଜାରି କରାଗଲା । ମୁଁ ଏ ଅର୍ଡିନାନ୍ସ ଦ୍ୱାରା ଯେ ସବୁ ଲେଖା ବାହାରିଛି ତାହା ବିରୁଦ୍ଧରେ ଏ ଅର୍ଡିନାନ୍ସ ପ୍ରୟୋଗ କରାଯିବ ନାହିଁ ବୋଲି ପ୍ରାଦେଶିକ ସରକାରମାନଙ୍କୁ ଉପଦେଶ ଦେଇଛି । ବର୍ତ୍ତମାନ ଅବସ୍ଥା ଏତିକିରେ ଉଚ୍ଚବେଳେ ଜାଣି ଯେ, ମୁଁ ଆଜି ଅସେମ୍ବ୍ଲି ବୈଠକ ହେବା ପର୍ଯ୍ୟନ୍ତ ରହି ପାରିଲି ନାହିଁ । ତେବେ ଅସନ୍ତା ଅସେମ୍ବ୍ଲି ବୈଠକ ଆରମ୍ଭ ହେବା ସଙ୍ଗେ ସଙ୍ଗେ ଏ ଛମାହିଆ ଅର୍ଡିନାନ୍ସକୁ ଆଇନରେ ପରିଣତ କରିବାକୁ ମୋ ସରକାର ଅତି ଚଞ୍ଚଳ ଉଦ୍ୟମ କରିବେ ।"

ଖଜଣା ବନ୍ଦ ଅର୍ଡିନାନ୍ସ

ଜମି ଖଜଣା, ଚୌକିଦାରୀ ଟିକସ ଓ ଅନ୍ୟାନ୍ୟ କୌଣସି ପ୍ରକାର ସରକାରୀ ଦେୟ ବନ୍ଦ କରିବାପାଇଁ ଯେ ଆନ୍ଦୋଳନ ଲାଗିଛି, ତାକୁ ବନ୍ଦ କରିବା କାରଣ ଛଅମାସ ପାଇଁ ଅର୍ଡିନାନ୍ସ ହୋଇଥିଲା । ପୁଣି ତାକୁ ଆଉଥରେ ୧୧ ନମ୍ବର ଅର୍ଡିନାନ୍ସ ରୂପେ ଜାରିକରି ଲାଟ ସାହେବ ଲେଖିଛନ୍ତି—"ଆଇନ ଅମାନ୍ୟ ଆନ୍ଦୋଳନ ବର୍ତ୍ତମାନ ଏପରି ଅବସ୍ଥା ସୃଷ୍ଟି କରିଛି ଯହିଁରେ ସାଧାରଣ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ଭୟପ୍ରଦ ହେଲାଣି । ଖଜଣା ଟିକସ ଆଦି ବନ୍ଦକରି ସରକାରଙ୍କୁ ଏକାବେଳକେ ଅଚଳ କରିଦେବା । ଏ ଆଇନ-ଅମାନ୍ୟକାରୀଙ୍କ ଉଦ୍ୟମ । ଗୁଜରାଟରେ ଅନେକ କୃଷୀ ଓ ଜମିଦାର ଏପରି ଖଜଣା ବନ୍ଦ କରିଛନ୍ତି । ଆଇନ ଅମାନ୍ୟକାରୀ ଉଚ୍ଛେଣ୍ଡିରମାନେ ଯାଇ ଲୋକଙ୍କୁ ମଜାଇ ଏହା କରାଉଛନ୍ତି । ସ୍ୱତନ୍ତ୍ର ପ୍ରଦେଶରୁ ମୁଁ ଖବରଣୀ ପାଇଲିଣି ଯେ, ସେଠା କଂଗ୍ରେସ ନେତାମାନଙ୍କର ପରାମର୍ଶରେ ଆଇନ ଅମାନ୍ୟକାରୀଦଳ ପ୍ରକାଶ୍ୟରେ ଏବଂ ଦୃଢ଼ଭାବରେ ଖଜଣା ବନ୍ଦ କରିବା ପାଇଁ ଉଦ୍ୟମ ଲଗାଇଲେଣି । ଏବେ ବିସ୍ତୃତ ଭାବରେ ଏହା କରିବାପାଇଁ ଗାଁ ଗାଁ ପ୍ରଚାର କରା ଯାଉଛି । ଆଉ କେତେକ ପ୍ରଦେଶରେ ଚୌକିଦାରୀ ଟିକସ ଆଦି ବନ୍ଦକରା ଯାଉଛି । ଏ ଆନ୍ଦୋଳନ ଯଦି କୃଷିକାର୍ଯ୍ୟ ହୁଏ, ତେବେ ଭାରତ ଶାସନର ଯେ କି ଘୋର କ୍ଷତି ହେବ ତାହା ବିଚାର କରିବା ଦରକାର । ଲୋକଙ୍କୁ ମଜାଇ ଖଜଣା ଆଦି ବନ୍ଦ କରିବା ଦ୍ୱାରା ସରକାରର ଓ ଦେଶର ଯେ କି ବିପଦ ହେବ ସେ କଥା ବୁଝିପାରି ମୁଁ ପୁଣି ଏ ଅର୍ଡିନାନ୍ସକୁ ଜାରି କରୁଛି । ଫସଲ ସବୁ ଶସ୍ତା ହୋଇ ଥିବାରୁ ଲୋକେ ଖଜଣା ଦେବାକୁ କଷ୍ଟ ମଣୁଛନ୍ତି ଏ କଥା ସତ; କିନ୍ତୁ ଏପରି ଆଇନ ଅମାନ୍ୟ ଆନ୍ଦୋଳନ ଦ୍ୱାରା ଏହା କରାଇ ସରକାରର ଓ ଲୋକର କ୍ଷତି ହେବ ଏହା ବୁଝିବା ଦରକାର । ଏ ଅର୍ଡିନାନ୍ସକୁ ମଧ୍ୟ ଅସନ୍ତା ଅସେମ୍ବ୍ଲି ବୈଠକରେ ସ୍ଥାୟୀ ଆଇନରେ ପରିଣତ କରିବାକୁ ସରକାର ଉଦ୍ୟମ କରିବେ ।"

କେଉଁଠାରେ ଜାରି ହେଲା

ଭାରତ ସରକାର ଜାରି କରିଛନ୍ତି କି ଟିକସ ବନ୍ଦ ଅର୍ଡିନାନ୍ସ କର୍ତ୍ତମାନ ସଙ୍ଗେ ସଙ୍ଗେ ବୋମ୍ବେ, ଯୁକ୍ତ ପ୍ରଦେଶ, ପଞ୍ଜାବ, ବେହାର, ଆସାମ, ଉତ୍ତର ପଶ୍ଚିମ ସୀମାନ୍ତ ପ୍ରଦେଶରେ ଜାରି କରାଯାଇ ପାରିବ ।

ପ୍ରେସ ଆଇନର ଆଚାର

ଡ଼ିକ୍ଲାରେସନ ନ ନେଇ ପ୍ରେସ ଚଳାଇଲେ ବା ଖବରକାଗଜ ପ୍ରକାଶ କଲେ ବା ଲିଥୋ ଆଦି କୌଣସି ପ୍ରକାର ସମ୍ବାଦ ପ୍ରକାଶ କଲେ ସେ ପ୍ରେସ ଆଇନ ଅନୁସାରେ ଦଣ୍ଡନୀୟ ହେବେ ।

(୨) କେହି ପ୍ରେସ ଡିକ୍ଲେୟାରେସନ ନେଲେ ମେଜେଷ୍ଟର ତାଙ୍କ ଠାରୁ ଟ ୫୦୦ରୁ ଟ ୨୦୦୦ ମଧ୍ୟରେ ଜାମିନ ତଲବ କରିବେ । ମେଜେଷ୍ଟର ଇଚ୍ଛା କଲେ କାରଣ ଦର୍ଶାଇ ଛାଡ଼ି ମଧ୍ୟ ଦେଇ ପାରିବେ ।

(୩) ସେ ଇଚ୍ଛା କଲେ ପରେ ଅର୍ଡର ରଦ କରି ପାରିବେ କିମ୍ବା ଜାମିନ୍ ଟଙ୍କା ବଢ଼େଇ ଦେଇ ପାରିବେ ।

(୪) ପ୍ରାଦେଶିକ ସରକାର ଯଦି ଦେଖନ୍ତି ଯେ, କୌଣସି ପ୍ରେସ କୌଣସି ଆପତ୍ତିଜନକ ବିଷୟ ଛାପୁଛି, ତେବେ ସେ ଟ ୫୦୦୦ ରୁ ଟ ୫୦୦୦ ମଧ୍ୟରେ ମେଜେଷ୍ଟରଙ୍କ ପାଖେ ଜାମିନ୍ ରଖିବା ପାଇଁ ହୁକୁମ କରି ପାରିବେ ।

୪ (୧) ପ୍ରାଦେଶିକ ସରକାର ଯଦି ଦେଖନ୍ତି ଯେ, ଜାମିନ୍ ଦେଇଥିବା ପ୍ରେସରେ ଏପରି କୌଣସି ବିଷୟ ଛପାଉଛି, ଯହିଁରେ କୌଣସି ଶିଳ୍ପ, ଚରିତ୍ର ବା ଦୃଶ୍ୟମାନ କୌଣସିପ୍ରକାର ଅଙ୍କନ ଆଦିକୁ ପ୍ରକାଶ୍ୟରେ ବା ଅପ୍ରକାଶ୍ୟରେ କୌଣସି ପ୍ରକାରେ ହିଂସା ପ୍ରବୃତ୍ତି କୌଣସି କାର କାର୍ଯ୍ୟ କରିବାକୁ ଇଙ୍ଗିତ ଦେଇଥିବେ, ସୈନ୍ୟ ଓ ପୁଲିଶ ବିଭାଗର କୌଣସି କର୍ମଚାରୀଙ୍କୁ ଛାଡ଼ିବା ପାଇଁ ଉତ୍ସାହ ଥିବେ ବା ସରକାରକୁ ବା ସରକାରର, ସମ୍ରାଟଙ୍କର, ସମ୍ରାଟଙ୍କ ଅଧୀନସ୍ଥ କୌଣସି ଦେଶୀୟ ରାଜାଙ୍କର ବା ଇଂରେଜ ଅଧିକୃତ ଭାରତରେ କୌଣସି ଶ୍ରେଣୀର ଅଧିବାସୀଙ୍କ ବିରୁଦ୍ଧରେ କୌଣସିପ୍ରକାର ଘୃଣା ବା ଦ୍ରୋହଭାବ ଜନାଇବେ, କୌଣସି ଲୋକକୁ ଭୟ ଦେଖାଇବେ ବା କୌଣସି ପ୍ରକାର ବିରକ୍ତି ଦେଇ ଭାରତ ଆଇନ ଗତ ଅଧିକାର ଓ କାର୍ଯ୍ୟରେ ବାଧା ଦେବେ ବା କୌଣସି-ପ୍ରକାର ବେ-ଆଇନ କାର୍ଯ୍ୟ କରିବାକୁ ଉତ୍ସାହ ଦେବେ ବା କୌଣସି ପ୍ରକାର ଖଜଣା ଟିକସ ବା ନ୍ୟାଯ୍ୟ ଦାବୀ ଦେବା ବିରୁଦ୍ଧରେ ଇଙ୍ଗିତ ଦେବେ ବା କୌଣସି ସରକାରୀ କର୍ମଚାରୀଙ୍କୁ ତାଙ୍କ କାର୍ଯ୍ୟ କରିବାରେ ହେଳା କରିବାକୁ ବା କାର୍ଯ୍ୟ ଛାଡ଼ିବାକୁ ମଜାଇବେ ବା ଇଙ୍ଗିତ ଦେବେ ବା ସମ୍ରାଟଙ୍କ ଅଧୀନସ୍ଥ କୌଣସି ଜାତିର ଲୋକଙ୍କ ମଧ୍ୟରେ କୌଣସି ପ୍ରକାର କଳହ ବା ଦଙ୍ଗା ସୃଷ୍ଟି କରିବେ ବା ସରକାରଙ୍କର ବିଭିନ୍ନ ବିଭାଗର କାର୍ଯ୍ୟ ନକରିବା ପାଇଁ ଲୋକଙ୍କୁ ଇଙ୍ଗିତ ଦେବେ ତେବେ ପ୍ରାଦେଶିକ ସରକାର ସେ ପ୍ରକାର ଶବ୍ଦ, ଚିହ୍ନ ବା ଅଙ୍କନ ପ୍ରଭୃତିକୁ ନୋଟିସରେ ଦର୍ଶାଇ ଜାମିନ ଟଙ୍କା ବାଜ୍ୟାପ୍ତି କରିପାରିବେ ।

ଏପରି ନୋଟିସ ଜାରୀ ହେବାର ଦଶଦିନ ପରେ ପ୍ରେସ୍ ଡିକ୍ଲେୟାରେସନ ରଦ ହେଲା ବୋଲି ବୁଝିବାକୁ ହେବ; ଏବଂ ପ୍ରେସ ଚଳାଇବା ପାଇଁ ଯଦି ଥରେ ଡିକ୍ଲେୟାରେସନ୍ ଦେବାକୁ ପଡ଼ିବ । ସେତେବେଳେ ମେଜେଷ୍ଟର ପୁଣି ଟ ୧୦୦୦୧ ରୁ, ଟ୧୦,୦୦୦୧ ମଧ୍ୟରେ ଜାମିନ୍ ଟଙ୍କା ତଲବ କରିପାରିବେ । ତା ପରେ ପୁଣି ଯଦି ସେହିପରି ଆପତ୍ତିଜନକ ବିଷୟ ପ୍ରକାଶ ପାଏ, ତେବେ ପ୍ରାଦେଶିକ ସରକାର ୨ୟ ଦଫାର ଜାମିନ୍ ଟଙ୍କା ସମସ୍ତ ବା ତାହାର କୌଣସି ଅଂଶ, ଏବଂ ଯେ ଛାପାଖାନା ଉକ୍ତ ଖବର-କାଗଜ ଓ ବହି ପ୍ରଭୃତି ଛପାଇବାରେ ବ୍ୟବହୃତ ହେଉଥିବ ତାକୁ ଏବଂ ସେ ସମସ୍ତ ବହି ଓ ଖବରକାଗଜ ଆଦି ସବୁ ଯେଉଁଠାରେ ଦେଖିବେ ସେଠାରୁ ବାଜ୍ୟାପ୍ତ କରି ନେଇଯାଇ ପାରିବେ ।

ଖବରକାଗଜ ପାଇଁ ଅସ୍ତ୍ର

ଛାପାଖାନା ପାଇଁ ଯେପରି ଆଇନ ଖବରକାଗଜ ପାଇଁ ମଧ୍ୟ ଠିକ୍ ସେହିପରି ଆଇନ । ଖବରକାଗଜ ପାଇଁ ଅଧିକ ବ୍ୟବସ୍ଥା ହୋଇଛି ଯେ, ୧ମ ଦଫା ଜାମିନ୍ ବାଜ୍ୟାପ୍ତ ହେବା ପରେ ପୁଣି ଯେଉଁ ଟ୧୦୦ ୧ ବା ଟ୧୦,୦୦୦୧ ମଧ୍ୟରେ ଜାମିନ୍ ତଲବ କରାଯିବ, ତାକୁ ବା ତାର ଅଂଶ ବାଜ୍ୟାପ୍ତ କଲାପରେ ଖବର କାଗଜ ପ୍ରକାଶକଙ୍କ ଡିକ୍ଲେୟାରେସନ୍ ଦ ୧୦ ନ ଭିତରେ ରଦ ହେଲା ବୋଲି ବୁଝିବାକୁ ହେବ । ତାପରେ ଆଉ ଥରେ ଡିକ୍ଲେୟାରେସନ୍ ନେବାପାଇଁ ଇଚ୍ଛା କଲେ ପ୍ରାଦେଶିକ ସରକାରର ବିନା ଅନୁମତିରେ ଆଉ ଡିକ୍ଲେୟାରେସନ୍ ଯାଇପାରିବେ ନାହିଁ ।

ଏହାଛଡ଼ା ଲିଥୋ ବା ଟାଇପ ସମ୍ବାଦ ସବୁ ପ୍ରକାଶ କଲେ ପୂର୍ବରୁ ବଳି ଦଣ୍ଡବିଧାନ କରାଯାଇଛି ।

ପ୍ରଜାଙ୍କ ଅଟଳ ପ୍ରତିଜ୍ଞା

ରାଜସ୍ୱ ମନ୍ତ୍ରୀର ସମ୍ମୁଖାଉଛନ୍ତି

ମହାତ୍ମା ଓ ସରଦାରଙ୍କୁ ଛାଡ଼ିଦିଅ

ବୋରସାଦ ତା ୨୧।୧।୩୦

ବମ୍ବେ ସରକାର ରାଜସ୍ୱ ବିଭାଗ ମେମ୍ବର ମିଃ ହଟ୍‌ସନ୍ ସାହେବ, ଜିଲ୍ଲା କଲେକ୍ଟର ମି; ମାଷ୍ଟର ଏବଂ ମାମଲତଦାର ବା ଦୋସୀ ମିଃ ସାହାଙ୍କ ଧରି ବୋରସଦ ଜେଲ୍‌ଖାନାର ବୋଷ୍ଟାଲ ଓ ରାସ ଗାଁ ଦୁଇଟି ଦେଖିବାକୁ ଯାଇଥିଲେ । ଦେଖିଲେ—ଗାଁରେ କେହି ନାହାନ୍ତି, ସମସ୍ତେ ଘରଦ୍ୱାର ଛାଡ଼ି ଗାଁରୁ ବାହାରିଛନ୍ତି । ଜହିଁ ସମ୍ବାଦ ବରୋଦା ରାଜ୍ୟ ଭିତରେ ପଶି ଗଲେ ଯେଉଁଠାରେ ଛାଡ଼ିଆ ବାନ୍ଧି ରହିଥିଲେ ସେଠାରେ ପହଞ୍ଚିଲେ । ସାହେବ ଆସିବାର ଶୁଣି ଜଣେ ଅଧେ ଲୋକ ଛାଡ଼ିଆରୁ ବାହାରି ସାହେବଙ୍କ ସାଙ୍ଗେ ଦେଖା କଲେ । ଲୋକଙ୍କ ଦେଖି ରାଜସ୍ୱ ବିଭାଗ ମେମ୍ବର ମିଃ ହଟ୍‌ସନ୍ ସାହେବ କହିଲେ—"ବଡ଼ ଦୁଃଖର କଥା, ତୁମମାନଙ୍କ ଜମିବାଡ଼ି ଉପରୁ ଦୁଇଶହ ଏକର ହେବ ନିଲାମ ହୋଇଗଲାଣି । ତୁମେମାନେ ଖଜଣା ଦେଇନାହଁ । ଅବଶ୍ୟ ନିଲାମ ହୋଇଥିବା ଜମିର ଆମର ଦାବି ନାହିଁ । ତେବେ ଯେଉଁ ଜମି ସବୁ ବାଜ୍ୟାପ୍ତି ହୋଇଛି, ସେ ସବୁ ଖଜଣା ଦେଇ ପଟେଇଲେ ତମେ ଫେରି ପାଇବ । ମୁଁ ଜାଣେ, ତମେ ପଟ୍ଟାଦାରମାନେ ଭଲ କୃଷିକାର ଜାଣ, ଜମି ତମ ହାତରେ ରହିବା ଭଲ । ତମେ ତ ଗରିବ ନୁହଁ, ଅଭାବଗ୍ରସ୍ତ ଲୋକ ନୁହଁ; ଖଜଣା ଦେବା ତମ ଯଥେଷ୍ଟରେ କଷ୍ଟ ହେବନାହିଁ । ଦିଅ, ଖଜଣା ଦେଇ ପକାଅ । ଆଉ କିଛି ଗୋଳମାଳ ରହିବନାହିଁ ।"

ଏତେବେଳଯାଏଁ ପ୍ରଜାମାନେ ଧୀର ହୋଇ ସବୁ ଶୁଣୁଥିଲେ । ସେମାନେ ଏକସ୍ୱରରେ କହି ଉଠିଲେ, "ସାହେବ, ତମେ ମହାତ୍ମାଗାନ୍ଧିଙ୍କୁ ଛାଡ଼ିଦିଅ, ସର୍ଦ୍ଦାର ବଲ୍ଲଭ ଭାଇଙ୍କୁ ଛାଡ଼ିଦିଅ; ଆମ ଦେଶ ନେତାମାନଙ୍କ ସାଙ୍ଗେ ସରକାର ସବୁ ମୀମାଂସା କରି; ତା' ପରେ ଆମେ ଖଜଣା ଦେବୁ । ନିହେଲେ ଯେ ସରକାର ଆମ୍ଭମାନଙ୍କ ଖଜଣା ଦେବୁ ନାହିଁ ବୋଲି ଆମ ପ୍ରତିଜ୍ଞା କରିଛୁଁ । ଥରକୁ ଥର ଆମକୁ ପଚାରିବାରେ ଲାଭ କଣ ?"

ମିଃ ହଟ୍‌ସନ୍ ସାହେବ—ତମେ ଖଜଣା ଦେଇଦିଅ, ଆମେ ତମ ନେତାମାନଙ୍କୁ ଛାଡ଼ି ଦେବୁ ।

ପ୍ରଜା—ନା, ସେକଥା ହୋଇପାରିବ ନାହିଁ । ତା' ପରେ ତମେ ଏଣୁ ତେଣୁ ଗୁଡ଼ାଏ ଲୋକଙ୍କୁ ଧରି, ମୁଖିଆ କରିଦେଇଛ । ତଳ ତଳିଆ କର୍ମଚାରୀ ମାନଙ୍କୁ ବଢ଼େଇଛ ଯେ ସେମାନେ ଆମ ଉପରେ ଯଥେଚ୍ଛାଚାର କରୁଛନ୍ତି । ମନ ଇଚ୍ଛା ଅମ୍ବାଉ ବ୍ୟାଜ୍ୟାପ୍ତି ହେଉଛି । କିଛି ନ ବୁଝି ଗାଳି ଆମକୁ ନିନ୍ଦା ମାରୁଛନ୍ତି । ଏଥିରେ ତ ଘରେ ଭସ୍ତି ରହିବା ଆ ପକ୍ଷରେ ଅସମ୍ଭବ ହେଲା । ବାଧ୍ୟ ହୋଇ ଆଜି ଆମ୍ଭମାନେ ପୈତୃକ ଘରଦ୍ୱାର ଛାଡ଼ି ବିଣ ଜଙ୍ଗଲରେ ପଶିଛୁ ।

ସାହେବ—ଆମେ କଣ କରିବୁ ? ତମେ ତ ସବୁ ଚଳେଇ ଅସଲ, ସରକାର ଚଳିବା କିପରି ? ଯେ ରହିଲେ ତାଙ୍କୁ ମୁଖିଆ, ପଧାନ କଲୁଁ ।

ପ୍ରଜା—ହଉ, କର । ତେବେ ସରକାରଙ୍କ ମନ, ସେ ଆମ ପ୍ରଜା ଲୋକଙ୍କୁ କିପରି ଲୋକଙ୍କ ହାତରେ ଅତ୍ୟାଚାର କରାଇ ସାରିବେ ?

ସାହେବ—ନାଇଁ, ନାଇଁ ମୁଁ କାହିଁକି ହୁଅନ୍ତା । ନୂଆ ଯାହାକୁ ନିଯୁକ୍ତ କରାହୋଇଛି ସେ ସମସ୍ତ କଣ ବଦମାସ । ଛାଡ଼ି ଯାଅ ହେବାର ତ ହେଲାଣି, ସେକଥା ବିଚାରିଲେ ଫଳନାହିଁ, ଖାଲି ମନ ଦୁଃଖ ହେବ ସିନା । ଖଜଣା ଦେଇ ପକାଅ, ଯେତେବେଳେ ହେଲେ ତ ହେବ । ସଅଳ ସାଅଳ ଦେଇଦେଲେ ଭଲ ।

ପ୍ରଜା—ଥରେ ଥରେ ଆମ କଥା ଆମେ କହିଲୁ । ସେକଥା ବୁଲେଇ ବୁଲେଇ କାହିଁକି ପଚାରିଥର ପଚାରୁଛନ୍ତି ?

ଏତିକି ଶୁଣି ହଟ୍‌ସନ୍ ସାହେବ ତାଙ୍କ ଅନୁଚରମାନଙ୍କୁ ଧରି ଫେରିଲେ । ଏ ତାଲୁକାରେ ଯେ ସବୁ ଅତ୍ୟାଚାର ହୋଇଥିଲା ବୋଲି ଦର୍ଶକମାନେ ଦେଖି-ଯାଇ ଖବରକାଗଜରେ ସବୁ ପ୍ରକାଶ କରିଥିଲେ, ସଭାରେ ବକ୍ତୃତା ଦେଇ କହିଥିଲେ, ସେ ସବୁ ସତ କି ମିଛ ଟିକିଏ ପଚାରିଲେ ନାହିଁ । କାହା ଉପରେ କଣ ଅତ୍ୟାଚାର ହୋଇଛି ଟିକିଏ ବୁଝିଲେ ନାହିଁ ।

ଖଜଣା ଦିଅ, ଖଜଣା ଦିଅ

ଡାକ୍ତରଖାନା ଘେରାଉ

ବୋରସାଦ ତା ୨।୧।୩୦

ଦାରୋଗା ଚାଁର ମୋଡ଼ଲଙ୍କ ଦ୍ୱିତୀୟ ଖଜଣା ନ ଦେଇ ଘରଦ୍ୱାର ଛାଡ଼ି ଚାଲିଯାଇଛନ୍ତି । ତାଙ୍କ ସ୍ତ୍ରୀ ଖୁବ୍ ବେମାର ଥିବାରୁ ସେ ଆଉ ବୋରସଦ ମିସନ୍ ଡାକ୍ତରଖାନାରେ କିଛିଦିନ ଥିଲେ । ମମଲତଦାର ବା ଦୋସୀ ବାବୁ ଏ କଥା ଶୁଣିବାର ଡାକ୍ତରଖାନାକୁ ଧାଇଁଆସି ତାଙ୍କ ଜିନିଷପତ୍ର ସବୁ ଦରଣ୍ଡି ପକେଇଲେ । ଗାଡ଼ିରେ ଟାଙ୍ଗିଲେ । ଦୋସୀ ବାବୁ ଗୁଜୁଲ ଭିତର ଦରଣ୍ଡ, ଦରଣ୍ଡ, ତା'ଭିତରୁ ୨୦ ଟଙ୍କା ପାଇ, ଅନନ୍ତରେ ସେଥିରୁ ଟଙ୍କା ବାଦଦିଇ ଟ ୫୭୍ୟ କାଟିନେଇ ବାକି ଟଙ୍କା ମୋଡ଼ିଲାଲ ବିପ୍ରଙ୍କୁ ଫେରାଇ ଦେଲେ ।

ଧାନ କ୍ଷେତରେ ଗାଈ ଗୋରୁ

ଏ ତାଲୁକାର ଜଣେ ଜମିଦାର ତାଙ୍କ ଗାଈ ଗୋରୁ ଘର ଛାଡ଼ି ଯାଇଥିବା ପ୍ରଜାଙ୍କ ପଚିଲା ଧାନ କଆଁରରେ ପକେଇ ଖୁଆଉଛନ୍ତି । ଗାଈ ଗୋରୁ ଖାଇ, ଭାଙ୍ଗି ଭାଙ୍ଗି ପକାର ପକାର ଠକ୍ଠାର ଧାନ ନଷ୍ଟ କରି ପକାଉଛନ୍ତି ।

ଲୁଗା ଦୋକାନ ପିକେଟିଂ

ବୋରସାଦ ତା ୨୧।୧।୩୦

ବୋରସଦ ବଲ୍ଲଭ ଲୁଗା ବିକ୍ରେତାମାନେ ବିଦେଶୀ ଲୁଗା ବିକିବେ ନାହିଁ ବୋଲି କଂଗ୍ରେସ ସାଙ୍ଗେ ସର୍ତ୍ତ କରିଥିଲେ । ବର୍ତ୍ତମାନ ସର୍ତ୍ତ ଭାଙ୍ଗି ସେମାନେ ପୁଣି ବିଲାତୀ ଲୁଗା ବିକିବାକୁ ଆରମ୍ଭ କରିବାରୁ ପୁଣି ପିକେଟିଂ ଚାଲିଲାଣି । ମହାତ୍ମା ଗାନ୍ଧିଙ୍କ ସତ୍ୟାଗ୍ରହ ଆଶ୍ରମରୁ କାର୍ଯ୍ୟ-କର୍ତ୍ତାମାନେ ଆସି ପିକେଟିଂ କରୁଛନ୍ତି । ବୋରସାଦରୁ ପଳାଇ ଯାଇଥିବା କୃଷକମାନେ ମଧ୍ୟ ବରୋଦା ରାଜ୍ୟରୁ ଫିରି ଆସିବା କରି ଏଥିରେ ସାହାଯ୍ୟ କରୁଛନ୍ତି ।

କଟକରେ ସଭା

୨୫ ତାରିଖ କଟକ ପୁରୀଘାଟରେ ପଣ୍ଡିତ ମାଳବ୍ୟଙ୍କର ଆରୋଗ୍ୟ ପାଇଁ ପ୍ରାର୍ଥନା ସଭା ହୋଇଥିଲା । ୫୦୦ ସରକ ଲୋକ ଯୋଗ ଦେଇଥିଲେ । ପଣ୍ଡିତ ପଦ୍ମଚରଣ ଦାସ ସଭାପତି ହୋଇଥିଲେ । ପ୍ରଥମ ବକ୍ତା ପଣ୍ଡିତ ମାଳବ୍ୟଙ୍କର ଜୀବନ ବୃତ୍ତାନ୍ତ ବିଷୟରେ, ସରକାରଙ୍କ ଅଫିମ ନୀତି, ପଞ୍ଜାବ ଅତ୍ୟାଚାରରେ ପଣ୍ଡିତ ମାଳବ୍ୟଙ୍କ କାର୍ଯ୍ୟ ବିଷୟରେ କହିଥିଲେ । ତା ପରେ ସମସ୍ତେ ଠିଆ ହୋଇ ମାଳବ୍ୟ ଆରୋଗ୍ୟ ହୁଅନ୍ତୁ ବୋଲି ଭଗବାନଙ୍କୁ ପ୍ରାର୍ଥନା କରିଥିଲେ । ଖଦଦ୍ଦ ଓ ନିଶା ନିବାରଣ ବିଷୟରେ ବକ୍ତୃତା ହେଲା । ଶେଷରେ ପଣ୍ଡିତ ମାଳବ୍ୟଙ୍କ ବିଷୟରେ କେତେ କଥା କହିଲା ପରେ ସଭା ଭାଙ୍ଗିଥିଲା ।

ମହିଳା ସଭା

୨୫ ତାରିଖ ସନ୍ଧ୍ୟା ୬ଟାରେ ଶ୍ରୀମତୀ ସରଳାଦେବୀ କଟକ ଗଣ୍ଡେଟିଠାରେ ଏକ ମହିଳା ସଭା କରାଇ-ଥିଲେ । ୮୦ ଜଣ ସରକ ମହିଳା ଯୋଗ ଦେଇଥିଲେ । ସବ୍‌ଇନ୍‌ସ୍‌ପେକ୍ଟର ବାବୁ ଶ୍ରୀପତି ନନ୍ଦ ଉପସ୍ଥିତ ଥିଲେ । ଶ୍ରୀମତୀ ସରୋଜିନୀ ଚୌଧୁରୀ ସଭାନେତ୍ରୀ ହେଲେ । ସେ ଅରଟ ବିଷୟରେ ବଡ଼ ସୁନ୍ଦର ବକ୍ତୃତା ଦେଇଥିଲେ । ଶ୍ରୀମତୀ ସେବତୀ ଦେବୀ ଚରଖା ଉଠାଇବା ବିଷୟରେ ପ୍ରବନ୍ଧ ପଢ଼ିଥିଲେ । ଶ୍ରୀମତୀ ବୀଣାପାଣି ଦେବୀ ଚରଖା ସମ୍ବନ୍ଧରେ ମହିଳା ମାନଙ୍କୁ ଯୋଗ ଦେବାପାଇଁ ବଡ଼ ପ୍ରଞ୍ଜଳ ଭାବରେ ବୁଝାଇ କହିଥିଲେ । ମହିଳାମାନଙ୍କୁ ଶ୍ରୀମତୀ ସରଳା ଦେବୀଙ୍କର ଅଧ୍ୟାନ ବଡ଼ ମର୍ମସ୍ପର୍ଶୀ ହୋଇଥିଲେ । ଶେଷରେ ମାଳବ୍ୟ ଚରଖା ଯଜ୍ଞ ଗଢ଼ାହେଲା ।

ହାଟରେ ହଟ୍‌ଗୋଳ

ବାଲିଆ (କେନ୍ଦ୍ରାପଡ଼ା) ତା ୨୫-୧ ୩୦

ଗତ ୨୫ ତାରିଖ ଏଠା ହାଟରେ ସଭା ହୋଇ ଥିଲା । ୫୦୦ ଲୋକ ଯୋଗ ଦେଇଥିଲେ । ସଭା ଆଗରୁ ସ୍ଥାନୀୟ ପ୍ରେସିଡେଣ୍ଟ କଟକ ଉତ୍କଳ ସାହିତ୍ୟ ପ୍ରେସରେ ଛପା "ଏବେ କଂଗ୍ରେସକୁ ଚିହ୍ନିଲି" ନାମକ ଇସ୍ତାହାର ବଣ୍ଟାଇଥିଲେ । ସଭା ଆରମ୍ଭ ହେବାରୁ ଚୌକିଦାର ପ୍ରଭୃତିଙ୍କୁ ସଭା ନ କରାଇ ଦେବାପାଇଁ ସେ କହିଥିଲେ । ସଭାପତି ଜଣକ ନ ମାନି ସଭାରେ ବକ୍ତୃତା ଦେବାରୁ ପ୍ରେସିଡେଣ୍ଟ ତାଙ୍କୁ ମନା କଲେ । ସେ ଶୁଣିଲେ ନାହିଁ ବକ୍ତୃତା କଲେ । ପ୍ରେସିଡେଣ୍ଟ ଓ ଦଫାଦାର ନାମ ଟିପି, ପ୍ରକାଶ ଯେ ଏହା "ବେ-ଆଇନ ସଭା, ସମସ୍ତେ ଚାଲିଯାଅ" ବୋଲି ଆଦେଶ କଲେ । ଲୋକେ ତାଙ୍କର ଏପରି କ୍ଷମତା ନାହିଁ ବୋଲି କହି ସଭାର ବକ୍ତୃତା ଶୁଣି ଯେଉଁ ଘରକୁ ଫେରିଲେ ।

ଗୋଲକନାଥ ବନ୍ଧୁଙ୍କୁ ଦଣ୍ଡ

ହାଇକୋର୍ଟ ଆଦେଶ

ପାଟଣା ତା ୨୩।୧।୩୦

ବାଲ